ଓଡିଶା ସରକାର

ଅର୍ଥ ବିଭାଗ

ଅଧିସୂଚନା

ତା 01.11.2016 ରିଖ

***

**ଏସ୍.ଆର୍.ଓ. ସଂଖ୍ୟା -** _________ - ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ, 2004 (2005 ମସିହାର ଓଡିଶା ଅଧିନିୟମ 4) ର ଧାରା 102-କ ର ଉପଧାରା (1)ଦ୍ଵାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ରାଜ୍ୟ ସରକାର ଏତଦ୍ଵାରା ଉକ୍ତ ଅଧିନିୟମର ଅନୁସୂଚୀ – ଖ ରେ ନିମ୍ନଲିଖିତ ପରିବର୍ତ୍ତନ କରୁଛନ୍ତି ଓ ଦରଜମାନ ଯୋଗ କରୁଛନ୍ତି, ଯଥା :-

ଅନୁସୂଚୀ – ଖ ର II ରେ;

(i) କ୍ରମିକ ସଂଖ୍ୟା -18 କ ର ଦ୍ଵିତୀୟ ସ୍ତମ୍ଭରେ ଦରଜ ହୋଇଥିବା "ଇ-ବାଇକସ" ଶବ୍ଦଗୁଡିକ ପରେ ନିମ୍ନଲିଖିତ ଶବ୍ଦମାନ ଓ କମା ଯୋଗ କରାଯିବ, ଯଥା :-

",ଇ-ରିକ୍ସା ଏବଂ ବ୍ୟାଟେରୀ ଚାଳିତ ଯାନ" ; ଏବଂ

(ii) କ୍ରମିକ ସଂଖ୍ୟା - 75 କ ପରେ, ନିମ୍ନଲିଖିତ କ୍ରମିକ ସଂଖ୍ୟା ଓ ତାହା ପାର୍ଶ୍ଵରେ ସମୁଚିତ ସ୍ତମ୍ଭ ତଳକୁ ଦରଜମାନ ଅନ୍ତଃସ୍ଥାପନ କରାଯିବ, ଯଥା :-

"75 ଖ- ଏଲ୍.ପି.ଜି. ସିଲିଣ୍ଡର" ।

[ସଂଖ୍ୟା – 29280 FIN-CT1-TAX-0020-2015]

ରାଜ୍ୟପାଳଙ୍କ ଆଦେଶମତେ

ସୌମ୍ୟଜିତ୍ ରାଉତ

ଅନୁଶାସନ ସଚିବ

ଜ୍ଞାପକ ସଂଖ୍ୟା 29281 ତା 01.11.2016ରିଖ

ଏହାର ଏକକିତା ନକଲ ବାଣିଜ୍ୟ ବିଭାଗର ଗେଜେଟ୍ ପ୍ରକୋଷ୍ଠ(Cell) କୁ ପ୍ରେରଣ ପୂର୍ବକ ଅନୁରୋଧ କରାଗଲା କି, ଉକ୍ତ ଅଧିସୂଚନାଟିକୁ ଓଡିଶା ଗେଜେଟ୍ ର ଏକ ଅସାଧାରଣ ସଂସ୍କରଣରେ ପ୍ରକାଶ କରିବେ ଏବଂ ଓଡିଶା ବାଣିଜ୍ୟକର ଆୟୁକ୍ତଙ୍କୁ ତାହାର ଏକ ଶତ ନକଲ ଏବଂ ଅର୍ଥ ବିଭାଗକୁ ଚାରି ଶତ ନକଲ ପ୍ରଦାନ କରିବେ ।

ଉକ୍ତ ଅଧିସୂଚନାଟି ବୈଧାନିକ ଅଟେ ଏବଂ ଏଥିରେ ଏସ୍.ଆର୍.ଓ. ସଂଖ୍ୟା ରହିବ ।

ସୌମ୍ୟଜିତ୍ ରାଉତ୍
ଅନୁଶାସନ ସଚିବ

ଜ୍ଞାପକ ସଂଖ୍ୟା 29282 ତା 01.11.2016ରିଖ

ଏହାର ଏକକିତା ନକଲ ବାଣିଜ୍ୟ କର ଆୟୁକ୍ତ, ଓଡିଶା, କଟକଙ୍କୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

ସୌମ୍ୟଜିତ୍ ରାଉତ୍
ଅନୁଶାସନ ସଚିବ

ଜ୍ଞାପକ ସଂଖ୍ୟା 29283 ତା 01.11.2016ରିଖ

ଏହାର ଏକକିତା ନକଲ ମୁଖ୍ୟ ରାଜ୍ୟ ପୋର୍ଟାଲ୍ (Head State Portal), ସୂଚନା ବୈଷୟିକ କେନ୍ଦ୍ର (IT Centre), ଓଡିଶା ସଚିବାଳୟଙ୍କୁ ଅର୍ଥ ବିଭାଗ Websiteରେ ସ୍ଥାପନ(Upload) କରିବା ପାଇଁ ପ୍ରେରଣ କରାଗଲା ।

ସୌମ୍ୟଜିତ୍ ରାଉତ୍
ଅନୁଶାସନ ସଚିବ